ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ମେ, ୨୦୨୩



## ୨ ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ

ଭଦ୍ରକ ଅଫିସ: ଭଦ୍ରକ-ଚାନ୍ଦବାଲି ରାସ୍ତାର ହଳଦୀଡିହ ବାଇପାସ୍ ନିକଟରେ ସୋମବାର ପୂର୍ବାହ୍ନରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସାବରଙ୍ଗ ଅଞ୍ଚଳର ଭଜୁ କିଶୋର ବେହେରାଙ୍କ ପୁଅ ପ୍ରଫୁଲ୍ଲ। ସେ ବାଇକ୍‌ରେ ଭଦ୍ରକ ଆସୁଥିବା ବେଳେ ହଳଦୀଡିହ ବାଇପାସ୍ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବାଳକ ମୃତ

ଠାକୁରମୁଣ୍ଡା,୨୯।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ଦିଗଧର ପଞ୍ଚାୟତର ନିହାଣଗଣ୍ଡି ଗ୍ରାମରେ ସୋମବାର ସକାଳେ ପୋଖରୀରେ ବୁଡ଼ି ଜଣେ ବାଳକଙ୍କ ମୃତ୍ୟୁ ହୋଇଛି। ମୃତ ବାଳକ ଜଣକ ହେଲେ ସେହି ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁଅ ଗିରିଧାରୀ(୧୧)। ସାଙ୍ଗମାନଙ୍କ ସହିତ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ସେ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗିରିଧାରୀଙ୍କୁ ପାଣିରୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବଡ଼ାପାଳ ସେବା ସମିତି ପକ୍ଷରୁ ଖୋଲିଲା ଧାନ ମଣ୍ଡି

ବାଲିଆପାଳ, ୨୯।୫(ସ୍ୱ.ପ୍ର.)-ବାଲିଆପାଳ ବ୍ଲକ ବଡ଼ାପାଳ ସେବା ସମବାୟ ସମିତି ପକ୍ଷରୁ ସୋମବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସେବା ସମବାୟ ସମିତିର ସଭାପତି ଦୟାନିଧି ମହାପାତ୍ରଙ୍କ ପରିଚାଳନାରେ ସରପଞ୍ଚ ପ୍ରତିନିଧି ଯୁବନେତା ହରେକୃଷ୍ଣ ଜେନା ଉକ୍ତ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ୟୁନିଡ଼ିପ ରାଇସ ମିଲ ପକ୍ଷରୁ ପ୍ରଥମ ଦିନରେ ୨୫୦ କୁଇଣ୍ଟାଲ ଧାନ କୁଇଣ୍ଟାଲ ପ୍ରତି ୨୦୫୦ ଟଙ୍କା ଦାମରେ କ୍ରୟ କରାଯାଇଥିଲା। ସମବାୟ ସମିତି ସମ୍ପାଦକ ରାକେଶ କୁମାର ଦାସ, କର୍ମଚାରୀ ଅରୁଣ କୁମାର ବେହେରା, ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପ୍ରଧାନ, ରଜନୀକାନ୍ତ ପାତ୍ର, ସଞ୍ଜୀବ କୁମାର ଜେନା, ଅମୂଲ୍ୟ ନନ୍ଦୀ, ଚାଷୀ ଧନଞ୍ଜୟ ଜେନାଙ୍କ ସହିତ ବହୁ ଚାଷୀ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିର

ଖୁଣ୍ଟା,୨୯।୫(ଡି.ଏନ.ଏ.)- ଖୁଣ୍ଟାସ୍ଥିତ ଖେରୱାଲ ଜାର୍‌ପା ସମିତି ଅନୁକୁଲ୍ୟରେ କିରିକିରିଆଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ତଥା ପୂର୍ବତନ ସରପଞ୍ଚ ନିମାଏଁ ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବାରିପଦାର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା.ମୋହନ ଚନ୍ଦ୍ର ମୁର୍ମୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅମର ସିଂ ସୋରେନ, ସମ୍ପାଦକ ରବୀନ୍ଦ୍ରନାଥ ହେମ୍ବ୍ରମ, ଯେଗେଶ୍ୱର ମାଝି ଓ ସାଲଖାନ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ଉଦଳା ବ୍ଲଡ ବ୍ୟାଙ୍କର ଡା. ଖଗେଶ୍ୱର ସିଂହଙ୍କ ନେତୃତ୍ୱରେ ବ୍ଲଡ ବ୍ୟାଙ୍କର ଅନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ମୋଟ ୪୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମିତିର ଖୋଲାରାମ ମାରାଣ୍ଡି,ଶଙ୍କର ମାଝି, ପ୍ରଫୁଲ୍ଲ ମାଝିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ ।

### ସାମ୍ୟବାଦୀ ସଂଗ୍ରାମୀ ସୁରେଶ ଦାସଙ୍କ ପରଲୋକ



କେନ୍ଦୁଝର,୨୯।୫(ସ୍ୱ.ପ୍ର.): କେନ୍ଦୁଝର ସହର ଠାକୁରପାଟଣାରେ ରହୁଥିବା ବରିଷ୍ଠ ବାମପନ୍ଥୀ ନେତା ସୁରେଶ ଦାସଙ୍କ ବିୟୋଗ ହୋଇଛି। ରବିବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସେ ଛାତ୍ର ଅବସ୍ଥାରୁ ବିପ୍ଳବୀ ଚିନ୍ତାଧାରା ଆପଣେଇ ଅନେକ ଆନ୍ଦୋଳନ କରିବା ସହ କୃଷକ, ଶ୍ରମିକମାନଙ୍କ ପାଇଁ ଲଢ଼େଇ କରୁଥିଲେ। ଓକିଲ ଭାବେ ମଧ ସଫଳତାର ସହ ବୃତ୍ତିଗତ ଜୀବନ ନିର୍ବାହ କରୁଥିଲେ। ଜିଲା ଖାଉଟି ସୁରକ୍ଷା ମଞ୍ଚର ଅଧକ୍ଷ ଭାବେ ମଧ କାର୍ଯ୍ୟ କରିଥିଲେ। ଶେଷ ସମୟରେ ସେ କେନ୍ଦୁଝରର ୱେବ ଜର୍ଣ୍ଣାଲିଷ୍ଟଙ୍କୁ ଏକଜୁଟ କରି ଜିଲା ସଂଘ ଗଠନ କରି ଉପଦେଷ୍ଟା ଭାବେ ମାର୍ଗଦର୍ଶନ କରୁଥିଲେ। ମୃତ୍ୟୁ ଶର୍ଯ୍ୟା ନିକଟରେ ଏକ ମାତ୍ର ଝିଅ ଆଇନଜୀବୀ ଐଶର୍ଯ୍ୟା ଅନନ୍ୟା ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଶୁଭେଚ୍ଛୁ, ଓକିଲ ବନ୍ଧୁ ଓ ସହଯୋଗୀମାନେ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜିଲା ବାର ଆସୋସିଏସନ, ଜିଲା ୱେବ୍ ଜର୍ଣ୍ଣାଲିଷ୍ଟ ଆସୋସିଏସନ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କ ବିୟୋଗରେ ଶୋକସଭା କରି ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

# ଆଇନଜୀବୀ-ତହସିଲ କର୍ମଚାରୀ ମୁହାଁମୁହିଁ

ବାଲେଶ୍ୱର ଅଫିସ, ୨୯।୫

ଏକ ପୁରୁଣା ମାମଲା ବିଷୟରେ ବୁଝିବାକୁ ଯାଇଥିବା ଆଇନଜୀବୀଙ୍କ ସହ ବାଲେଶ୍ୱର ସଦର ତହସିଲ କର୍ମଚାରୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଆଇନଜୀବୀ ପ୍ରଦୀପ କୁମାର ଆଚାର୍ଯ୍ୟ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ପରେ ଅଫିସ ଭିତରେ ଚାବି ପକାଇ ଆଇନଜୀବୀଙ୍କୁ ତହସିଲ କର୍ମଚାରୀ ମାଡ଼ ମାରିଥିବା ସହଦେବଖୁଣ୍ଟା ମଡ଼େଲ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ତହସିଲଦାରଙ୍କ ପକ୍ଷରୁ ମଧ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇନଜୀବୀ ପ୍ରଦୀପ କୁମାର ଆଚାର୍ଯ୍ୟ।

ଏନେଇ ବାଲେଶ୍ୱର ବାର୍ ଆସୋସିଏସନ୍ ସଭାପତି ଆଇନଜୀବୀ ମନୋଜ ନାୟକ କହିଛନ୍ତି, ୧୯୯୧ ମସିହାର ଏକ ମାମଲାକୁ ନେଇ ଆଇନଜୀବୀ ଆଚାର୍ଯ୍ୟ ତହସିଲଦାରଙ୍କ ନିକଟକୁ ଯାଇ କେତୋଟି ପ୍ରଶ୍ନ ପଚାରିଥିଲେ। ଏଥିରେ ତହସିଲଦାର ଉତ୍‌କ୍ଷିପ୍ତ ହୋଇ ଆଇନଜୀବୀଙ୍କୁ ଗାଳିଗୁଲଜ କରିଥିଲେ। ତହସିଲଦାରଙ୍କ ସହ କିଛି କର୍ମଚାରୀ ଆସି ଆଇନଜୀବୀଙ୍କୁ ଟଣାଘୋଷରା କରିଥିଲେ। ସରକାରୀ ଅଧିକାରୀଙ୍କ ଏଭଳି ବ୍ୟବହାର ନିନ୍ଦନୀୟ ବୋଲି କହିଥିଲେ।

ଏ ସମ୍ପର୍କରେ ସଦର ତହସିଲଦାର ନିର୍ଲିପ୍ତା ମହାନ୍ତି କହିଛନ୍ତି, ଆଇନଜୀବୀ ଆଚାର୍ଯ୍ୟ ବାରମ୍ବାର ବିଭିନ୍ନ କାର୍ଯ୍ୟରେ ଆସି କାମଗୁଡ଼ିକୁ କରିବା ପାଇଁ ବାଧ କରିଥାନ୍ତି। ନ କଲେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ପାଇଁ ପଛାଇ ନ ଥାନ୍ତି। ପୂର୍ବାହ୍ନରେ ରେଭିନ୍ୟୁ ମିଟିଂ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଆଇନଜୀବୀ ଆଚାର୍ଯ୍ୟ ଅଫିସ୍‌ରେ ପହଞ୍ଚିଥିଲେ। କାମ କରିବାକୁ ନ ଦେଇ ଆଡୁସାଡୁ କହିବା ସହ ଗାଳିଗୁଲଜ କରିଥିଲେ। ଏହାକୁ ସହ୍ୟ କରି ନ ପାରି କର୍ମଚାରୀମାନେ ତାଙ୍କୁ ପୋଲିସରେ ଦେବା ପାଇଁ ଅଟକାଇଥିଲେ। ଆଇନଜୀବୀ ଆଚାର୍ଯ୍ୟଙ୍କ ନାମରେ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ପ୍ରକାଶ କରିଛନ୍ତି।

## କନିଷ୍ଠଯନ୍ତ୍ରୀଙ୍କୁ ମାଡ଼ ଘଟଣା: ଶିକ୍ଷକ ନିଲମ୍ବିତ

ଧାମନଗର,୨୯।୫ (ସ୍ୱ.ପ୍ର./ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତର କନିଷ୍ଠଯନ୍ତ୍ରୀ ନରେନ୍ଦ୍ର ମଳିକଙ୍କୁ ଗତ ୨୬ ତାରିଖରେ ଜଳସେଚନ ଡାକବଙ୍ଗଳାରେ ମାଡ଼ ନେଇ ଥାନାରେ ଅଭିଯୋଗ ହୋଇଥିଲା। ସରପଞ୍ଚ ଓ ସମିତିସଭ୍ୟାଙ୍କ ସ୍ୱାମୀ ତାଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ କରିବା ଓ ମାଡ଼ ଘଟଣାରେ ଲିଖିତ ଅଭିଯୋଗକ୍ରମେ ଧାମନଗର ଥାନାରେ ମାମଲା (ନଂ.୨୬୫/୨୩) ରୁଜୁ ହୋଇଛି। ଏହି ଘଟଣାରେ ସମିତିସଭ୍ୟାଙ୍କ ସ୍ୱାମୀ ତଥା ତାଳସିଠା ମଳିକସାହି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜିତ କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଜେନାଙ୍କ ଚିଠି ନଂ. ୧୧୫୩ ତା ୨୯।୦୫।୨୦୨୩ ରିଖ ଅନୁସାରେ ନିଲମ୍ବିତ ଶିକ୍ଷକ ସାହୁ ଅନ୍ୟାଦେଶ ପର୍ଯ୍ୟନ୍ତ ଗଡ଼ିଆଳି ଜାଗୁଳାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେବେ। ସର୍ବସାଧାରଣରେ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ ମାରିବାର ଭିଡିଓ ଭାଇରାଲ ହୋଇଥିବା ଦେଖି ପ୍ରାଶାସନିକ କ୍ଷମତା ବଳରେ ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ବିଇଓ ଜେନା କହିଛନ୍ତି।

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

### ମହିଳାଙ୍କୁ କନିଷ୍ଠଯନ୍ତ୍ରୀଙ୍କ ଅସଦାଚରଣ ପ୍ରସଙ୍ଗରେ ଭାଜପାର ଚେତାବନୀ



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

ଧାମନଗର,୨୯।୫ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ପୋଲିସ ଶାସକ ଦଳର ହାତବାରିସୀ ସାଜିମିଛ ମାମଲା କରୁଛି। ଜଣେ ସରକାରୀ କର୍ମଚାରୀ ତଥା ଦୋବଲ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜଣେ ମହିଳାଙ୍କୁ ଅସଦାଚରଣ କରିବା ନେଇ ଅଭିଯୋଗକୁ ୪୮ ଘଣ୍ଟା ବିତି ଯାଇଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କାର୍ଯ୍ୟାନୁଷ୍ଠାନ ନ ହେଲେ ବାଧହୋଇ ଦଳ ଗଣ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୋମବାର ଧାମନଗର ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ଏହି ପଞ୍ଚାୟତରେ କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଘଟଣାରେ କନିଷ୍ଠ ଯନ୍ତ୍ରୀ ବିଧାୟକଙ୍କୁ ଯୋଡ଼ିବାକୁ ନେଇ ଭାଜପା ଖବରଦାତା ସମ୍ମିଳନୀ ଡାକି ପ୍ରତିକ୍ରିୟା ରଖିଛି। ଭାଜପା ନେତା ଅଶୋକ ପୁହାଣଙ୍କ ପୌରୋହିତ୍ୟରେ ଆହୂତ ଏହି ସମ୍ମିଳନୀରେ ଦଳୀୟ ନେତୃତ୍ୱ ଦୋବଲ ପଞ୍ଚାୟତ ପାଇଁ ନିଯୁକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ମନ୍ତବ୍ୟ ରଖିଥିଲେ। କନିଷ୍ଠ ଯନ୍ତ୍ରୀ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାବେଳେ ଅପରପକ୍ଷେ ବିଧାୟକଙ୍କ ଉପସ୍ଥିତରେ ତାଙ୍କୁ ମାଡ଼ ନେଇ ସରପଞ୍ଚ ଏବଂ ସମିତିସଭ୍ୟାଙ୍କ ସ୍ୱାମୀଙ୍କ ନାମରେ କପୋଳକଳ୍ପିତ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିବାକୁ ଭାଜପା ନାପସନ୍ଦ କରିଛି। ବିଧାୟକଙ୍କୁ ବଦ୍‌ନାମ କରିବାକୁ ହୀନ ଉଦ୍ୟମ କରାଯାଉଥିବା ଦଳ ଆରୋପ କରିଛି। ତେବେ ମହିଳାଙ୍କ ପ୍ରତି ଜଣେ ସରକାରୀ କର୍ମଚାରୀଙ୍କ ଅଶୋଭନୀୟ ବ୍ୟବହାର ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ରାଜରାସ୍ତାକୁ ଓହ୍ଲାଇବା ସହ ଥାନା ଘେରାଉ ଓ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଭାଜପା ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଦସ୍ୟା ରଞ୍ଜିତା ସ୍ୱାଇଁ, ସମ୍ପାଦକ ସଦାଶିବ ପୋଥାଳ, ମଣ୍ଡଳ ସଭାପତି ଅରବିନ୍ଦ ପତି, ଆଇନଜୀବୀ ଦୀପ୍ତି ରଞ୍ଜନ ଜେନା, ମିଡିଆ ସେଲ୍ ଅଧକ୍ଷ ବୈକୁଣ୍ଠ ନାଥ ସାହୁ, ନାରୀନେତ୍ରୀ ପୁଷ୍ପାଞ୍ଜଳି ବେହେରା, କବିତା ରାୟ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ଆଇନ ସେବା ଅଭିଯାନ




ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଉଛି।

ବାରିପଦା ଅଫିସ,୨୯।୫

ମୟୂରଭଞ୍ଜ ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଓ ଦୌରା ଜଜ ଅରବିନ୍ଦ ପଟ୍ଟନାୟକ ଏବଂ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଶିବାନୀଙ୍କ ତତ୍ତ୍ୱାବଧାନରେ ଜିଲାରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ ସେବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ଅଧୀନରେ କାର୍ଯ୍ୟ କରୁଥିବା ପାରାଲିଗାଲ ସ୍ୱେଚ୍ଛାସେବୀମାନେ ବିଭିନ୍ନ ଗ୍ରାମକୁ ଯାଇ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସୁବିଧା ସୁଯୋଗ କିପରି ପାଇପାରିବେ ସେ ବିଷୟରେ ଅବଗତ କରାଇଥିଲେ। ସୋମବାର ଅଭିଯାନର ଅନ୍ତିମ ଦିବସ ପୂର୍ତ୍ତି ଅବସରରେ ବାରିପଦା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଶିବାନୀ, ପ୍ୟାନେଲ ଲୟାର ମିସ ଜୟଶ୍ରୀ ଦାସ, ପାରାଲିଗାଲ ସ୍ୱେଚ୍ଛାସେବୀ ରବୀନ୍ଦ୍ର ମହାନ୍ତି ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହାୟତାରେ କେତେଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ଓ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଦଭାଟି ନିକଟରୁ ଯୁବକଙ୍କ ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ପରିବାର

କଣ୍ଟିପାଳ,୨୯।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନସ୍ଥ ଖଡ଼ିପାଳ ଗ୍ରାମରେ ଏକ ମଦଭାଟି ନିକଟରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ବେଲଦା ଗ୍ରାମର ନିଲୁ ବେହେରା (୪୨)। ପୋଲିସ ଘଟଣାରେ ମାମଲା ରୁଜୁ କରି ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ନିଲୁ ବେଲଦା ଗ୍ରାମରେ ଶ୍ୱଶୁର ଘରେ ରହୁଥିଲେ। ଏକ ମଦ ଭାଟିରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ଭାଟିକୁ କାର୍ଯ୍ୟ କରିବାକୁ ଯାଇ ଆଉ ଫେରି ନ ଥିଲେ। ସୋମବାର ସକାଳୁ ନିଲୁଙ୍କ ମୃତଦେହ ଭାଟି ନିକଟରେ ପଡ଼ିଥିବା ଦେଖି ସ୍ଥାନୀୟବାସିନ୍ଦା ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଆନନ୍ଦପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମେଡିକାଲକୁ ପଠାଇଥିଲା। ନିଲୁଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଆନନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ଏକ (ନଂ.୧୭/୨୩) ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରିଣୀ ଦେବକୀ ନାଏକ ପ୍ରକାଶ କରିଛନ୍ତି।

## ନାଟ୍ୟ ସଙ୍ଗୀତ କଳାକାରଙ୍କ ଜନ୍ମଶତବାର୍ଷିକୀ ଉତ୍ସବ

ଭଦ୍ରକ, ୨୯।୫ (ସ୍ୱ.ପ୍ର.)




ଭଦ୍ରକର କଲେଇ ପଞ୍ଚାୟତସ୍ଥିତ ଚୁନିଦା କ୍ଷେତ୍ରବାସୀ ସାହିର କୁମ୍ଭକାର ପରିବାରର ଭିକାରୀ ଚରଣ ସାହୁଙ୍କ ପୁତ୍ର ଦକ୍ଷ ଟେରାକୋଟା ଶିଳ୍ପୀ ଓ ନାଟ୍ୟ ସଙ୍ଗୀତ କଳାକାର ରାମଚନ୍ଦ୍ର ସାହୁଙ୍କ ଜନ୍ମଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୃତ୍ୟଗୁରୁ କାହ୍ନୁ ଚରଣ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିନ୍ମୟ ଫାଉଣ୍ଡେଶନର ରାଷ୍ଟ୍ରୀୟ ଅଧକ୍ଷ ଚିନ୍ମୟ ଦାଶ ଓ ମୁଖ୍ୟବକ୍ତା ଅଧ୍ୟାପକ ସୁଧୀର ମୁଦୁଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ତୁଷାରକାନ୍ତି ପରିଡ଼ା, ଜଗନ୍ନାଥ ରାୟ, ଅଭିରାମ ସାହୁ, ନୃତ୍ୟ ଶିକ୍ଷକ ମିହିର କୁମାର, ସଙ୍ଗୀତ ଶିଳ୍ପୀ କୁମାର ଚିନ୍ମୟ, ବାଦ୍ୟ କଳାକାର ଜଗବନ୍ଧୁ ସାହୁ, ବିଷ୍ଣୁ ଚରଣ ମୁଦୁଲି, ସୀତାକାନ୍ତ ବେହେରା, ଉତ୍କଳ ସଙ୍ଗୀତ ବିଦ୍ୟାଳୟର ଓଡ଼ିଶୀ ନୃତ୍ୟଶିଳ୍ପୀ ବନିତା ମହାରାଣା ଓ ସାମାଜିକ କର୍ମୀ ରଞ୍ଜିତା ପଣ୍ଡା ଯୋଗ ଦେଇଥିଲେ। ନାଟ୍ୟଶ୍ରୀ ନିର୍ମଳ ରାଉତ ସଭାପତିତ୍ୱ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ଅବସରପ୍ରାପ୍ତ ଶିକ୍ଷକ ଅଭିରାମ ବେହେରା। ବଟକୃଷ୍ଣ ସାର ଏବଂ ରାମଚନ୍ଦ୍ରଙ୍କ ଧର୍ମପତ୍ନୀ ସୁରେଶ ସାହୁ ପୂଜ୍ୟପୂଜା ଓ ଶାନ୍ତିମନ୍ତ୍ର ପାଠ କରିଥିଲେ। ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ମଧୁସ୍ମିତା ସାହୁ। ପୁରୁଷୋତ୍ତମ ବେହେରା ଧନ୍ୟବାଦ ଦେଇଥିଲେ। ଲୋକ ସଂସ୍କୃତି ଉପରେ ନାଟ୍ୟ, ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ଟାଟା ଷ୍ଟିଲ କର୍ମଚାରୀଙ୍କ ମୃତ୍ୟୁ

ଯୋଡ଼ା,୨୯।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ବିଲେଇପଦା ଫାଣ୍ଡି ଅଞ୍ଚଳରେ ରବିବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଟାଟା ଷ୍ଟିଲ ଲଂ ପ୍ରଡକ୍ଟ ଲିମିଟେଡ଼ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ବଡ଼ବିଲ ଅଞ୍ଚଳର ଗୁରୁପ୍ରୀତ ସିଂ। ସେ ରାତିରେ ବଡ଼ବିଲରୁ ବିଲେଇପଦାକୁ ବାଇକ୍ ଯୋଗେ ଯାଉଥିଲେ। ଫାଣ୍ଡି ଅଞ୍ଚଳରେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇ ଗୋଡ଼ ଉପରେ ଚଢ଼ି ଚାଲିଯାଇଥିଲା। ଫଳରେ ତାଙ୍କର ବାମ ଗୋଡ଼ଟି ଜଙ୍ଘରୁ ଅଲଗା ହୋଇଯାଇଥିଲା। ବିଲେଇପଦାର ବିଷ୍ଣୁ ଖିଲାର୍, ରାଜା ସାହୁ, ନନ୍ଦଲାଲ ସାହୁ ସ୍ଥାନୀୟ ଅଗ୍ନିଶମ ବାହିନୀ ଏବଂ ବିଲେଇପଦା ପୋଲିସକୁ ଖବର ଦେବା ସହ ବାସୁଦେବପୁର୍ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାରେ ପୋଲିସ ତଦନ୍ତ କରୁଛି।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାହାନଗା, ୨୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣି ପଞ୍ଚାୟତ ଗିଳିଦା ସରକାରୀ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ଏକ ସମ୍ବର୍ଦ୍ଧନା ସଭା ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳତାର ହାତ ଥିବା ନିଜର ପିତାମାତା ସମେତ ଯେଉଁ ବିଦ୍ୟାଳୟରୁ ପାଠ ପଢି ଶୀର୍ଷରେ ପହଞ୍ଚିଛ ସେମାନଙ୍କୁ କେବେ ବି ଭୁଲିଯିବ ନାହିଁ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସନାତନ ଶିଅଳ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲମ୍ବୋଧର ମିଶ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଦିବାକର ରଥ, ଶିକ୍ଷକ ରବୀନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ରମଣୀକାନ୍ତ ମିଶ୍ର ସଭା ପରିଚାଳନା କରିଥିଲେ। ୨୦୨୩ରେ କୃତୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ଓ ଲକ୍ଷ୍ମୀମୋହନ ସ୍ମୃତିସଂସଦ ମିଳିତ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷୟିତ୍ରୀ ବେଦମତୀ ପାଢି ହିନ୍ଦୀ ସ୍ନାତକରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିବାରୁ ତାଙ୍କୁ ମାନପତ୍ର ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ୮୭ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା।




ଜଣେ ମୋଧବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଚାଙ୍ଗୁ ନୃତ୍ୟ ସମ୍ମିଳନୀ

ପାଟଣା,୨୯।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ଗାଲଫୁଲାରେ ଶନିବାରଠାରୁ ଆରମ୍ଭ ହୋଇଥିବା ବାର୍ଷିକ ଚାଙ୍ଗୁ ନୃତ୍ୟ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମେ ବାଥୁଡ଼ି ସମ୍ପ୍ରଦାୟର ଆରାଧଙ୍କ ପୂଜା ହୋଇଥିଲା। ପ୍ରତିଯୋଗିତାରେ ସାହାରପଡ଼ା ବ୍ଲକ୍‌ର ଚାଙ୍ଗୁ ଦଳ, ଘଟଗାଁ ବ୍ଲକ୍‌ର ଗୋହିଟାଙ୍ଗିରି ଚାଙ୍ଗୁ ପ୍ରତିଷ୍ଠାନ, ନୁଦୁରୁପ ଚାଙ୍ଗୁ ଦଳ, କେନ୍ଦୁଝର ସଦର ବ୍ଲକ୍‌ର କାଠବାରି ଚାଙ୍ଗୁ ପ୍ରତିଷ୍ଠାନ ପ୍ରମୁଖ ଯୋଗଦେଇ ଚାଙ୍ଗୁ ବାଦ୍ୟ ଓ ନୃତ୍ୟ ପରିବେଷଣ କରିଥିଲେ। ଗ୍ରାମ ଦେହୁରୀ ରଞ୍ଜନ ନାଏକ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲିସ ଅଧିକାରୀ ବ୍ରଜମୋହନ ନାଏକ, ସମ୍ମାନିତ ଅତିଥି ଭାବେ ବାଥୁଡ଼ି ସାଂସ୍କୃତିକ ସମାଜ କଟକ ଶାଖାର ସମ୍ପାଦକ ମହେଶ୍ୱର ନାଏକ, ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଖିଳଚନ୍ଦ୍ର ନାଏକ, ଘଟଗାଁ ବ୍ଲକ୍ ସରାସପଶି ପଞ୍ଚାୟତ ସରପଞ୍ଚ ଗଣେଶ୍ୱର ନାଏକ, ଗାଲଫୁଲାର ଇନ୍ଦ୍ରମଣି ନାଏକ ପ୍ରମୁଖ ଯୋଗଦେଇ ଚାଙ୍ଗୁ ବାଦ୍ୟ ଓ ସଙ୍ଗୀତକୁ ସରକାରୀସ୍ତରରେ ପ୍ରୋତ୍ସାହନ ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଥିଲେ।

## ଉପଜିଲାପାଳଙ୍କୁ ଭେଟିଲେ ୨ ୱାର୍ଡବାସୀ



ଅଭିଯୋଗ କରିବାକୁ ଆସିଥିବା ୱାର୍ଡବାସିନ୍ଦା।

ଆନନ୍ଦପୁର,୨୯।୫(ସ୍ୱ.ପ୍ର.)

### ପୌରାଞ୍ଚଳରେ ପାନୀୟ ଜଳ ସଙ୍କଟ

ଅସହ୍ୟ ତାତି ସାଙ୍ଗକୁ ପାନୀୟ ଜଳ ସଙ୍କଟ ଆନନ୍ଦପୁର ପୌରାଞ୍ଚଳର ଅଧିକାଂଶ ୱାର୍ଡ ଅଧିବାସୀଙ୍କୁ ଚିନ୍ତାରେ ପକାଇଛି। ତ୍ରୁଟିପୂର୍ଣ୍ଣ ପାଇପ୍ ସଂଯୋଗ ଏଥିପାଇ କେତେକାଂଶରେ ଦାୟୀ ରହିଥିବା ବେଳେ ପରିଚାଳନାରେ ତ୍ରୁଟି ପାଇଁ ମଧ ସମସ୍ୟା ସୃଷ୍ଟି ହେଉଛି। ଫଳରେ ୧୫ରୁ ଊର୍ଦ୍ଧ୍ୱ ଦିନ ଧରି ୩ ଓ ୪ ନଂ. ୱାର୍ଡବାସୀ ପାନୀୟ ଜଳ ସଙ୍କଟରେ ନାହିଁ ନ ଥିବା ହିନସ୍ତା ଭୋଗୁଛନ୍ତି। ଏ ନେଇ ଉକ୍ତ ଦୁଇ ୱାର୍ଡବାସୀ ଉପ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବି ମୁତାବକ, ପୂର୍ବରୁ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇ ଆସୁଥିବାବେଳେ ନୂତନ ପାଇପ୍ ସଂଯୋଗୀକରଣ ପ୍ରକ୍ରିୟାରେ ବ୍ୟାପକ ତ୍ରୁଟି ଯୋଗୁ ପାନୀୟ ଜଳ ସଙ୍କଟ ବଢ଼ିଥିବା ୩ ନଂ. ୱାର୍ଡର କୁମ୍ଭାରସାହୀ ବାସିନ୍ଦା ପ୍ରକାଶ କରିଛନ୍ତି। ୪ ନଂ. ୱାର୍ଡର ଅବସ୍ଥା ସମାନ ସ୍ଥିତିରେ ରହିଛି। ପୁରୁଣା ପାଇପ୍ ଦ୍ୱାରା ପାନୀୟ ଜଳ ଠିକ୍ ଭାବେ ଯୋଗାଣ ହୋଇପାରୁନି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ କୌଣସି ଫଳ ବି ମିଳୁନି। ୯ ଦିନ ପୂର୍ବରୁ ପାନୀୟ ଜଳ ସଙ୍କଟ ସମ୍ପର୍କରେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏଯାଏ କିଛି ହୋଇ ନ ଥିବା ପୂର୍ବତନ କାଉନ୍‌ସିଲର ମମତାରାଣୀ ଜେନା କହିଛନ୍ତି। ଜରୁରିକାଳୀନ ଭିତିରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ମଧ ହୋଇପାରି ନ ଥିବା ସେ ଅଭିଯୋଗ କରିଛନ୍ତି।

## ଘାଟି ରାସ୍ତାରେ ଭାଲୁ ଆତଙ୍କ

ପାଟଣା,(ସ୍ୱ.ପ୍ର): କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ଯମୁନା ପଶି ବିଟ୍ ବଲାଣିପଶି ଗାଁ ନିକଟ ଧରମାଘାଟି ନିକଟରେ ସୋମବାର ଏକ ଭାଲୁ ଘୁରି ବୁଲୁଥିବା ଦେଖାଯାଇଥିଲା। ଭାଲୁଟି ପାଖ ଜଙ୍ଗଲରୁ ଚାଲି ଆସିଥିବା ବେଳେ ଦିନ ତମାମ ଅଞ୍ଚଳରେ ବୁଲିଥିବା ଦେଖି ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ସନ୍ଧ୍ୟାରେ ଭାଲୁଟି ନିକଟସ୍ଥ ଜଙ୍ଗଲକୁ ଚାଲି ଯାଇଥିବା ରେଞ୍ଜର ଘାଷିନାଥ ପାତ୍ର କହିଛନ୍ତି।



## ସଂକ୍ଷେପରେ

### ଗିରିଧାରୀଙ୍କ ଅବଦାନ ଅତୁଳନୀୟ

ବାହାନଗା, ୨୯।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକର ପ୍ରଥମ ଓଏଏସ ଅଫିସର ବାରିଙ୍ଗିଆ ଗ୍ରାମର ସ୍ୱର୍ଗତ ଗିରିଧାରୀ ଦାଶଙ୍କ ସ୍ମୃତିଚାରଣ ସଭା ପାଇକାସ୍ତାସ୍ଥିତ ଦେଉଳା ପୋଖରୀ ଆଡିରେ ଅନୁଷ୍ଠିତ ହୋଇଥିଲା। ସଭାରେ ପୂର୍ବତନ ଜିଲାପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରମଣୀକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ସ୍ୱର୍ଗତ ଗିରିଦାରୀ ଦାଶଙ୍କ ବ୍ୟକ୍ତିତ୍ୱ ବିଷୟରେ ସ୍ମୃତିଚାରଣ କରିବା ସହିତ ନିଜ ଗ୍ରାମର ବାରିଙ୍ଗିଆ ଓ ପାଇକାସ୍ତା ଗ୍ରାମକୁ ଯେପରି ଉନ୍ନତି କରିଥିଲେ ତାହା ଗ୍ରାମବାସୀ ଭୁଲିପାରିବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସେ ବାରିଙ୍ଗିଆ ଗ୍ରାମରେ ୧୯୩୦ମସିହାରେ ଜନ୍ମ ହୋଇଥିଲେ। ପରେ ସେ ଗୋପାଳପୁର ମଣିଭଦ୍ର ବିଦ୍ୟାଳୟରେ ପାଠ ପଢ଼ିଥିଲେ। ପ୍ରଥମେ ରିଲିଫ୍ ଅଫିସର ଭାବେ ଚାକିରି କରିଥିଲେ। ପରେ ସେ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଭାବେ କେନ୍ଦ୍ରାପଡାରେ କାର୍ଯ୍ୟ କରିଥିଲେ। ପରେ ସେ ଓଡିଶା ପ୍ରଶାସନିକ ସେବାରେ ଯୋଗଦେଇ କାମ କରିବା ପରେ ଆଇଏଏସ୍ ଅଫିସର ଭାବେ ଉନ୍ନୀତ ହୋଇଥିଲେ। ସେ ଭୂସଂସ୍କାର କ୍ଷେତ୍ରରେ ଜଣେ ଦକ୍ଷ ଅଫିସର ଭାବେ ନିଜର ଅବଦାନ ରଖିଯାଇଛନ୍ତି ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ଗୋପାଳପୁର ପଞ୍ଚାୟତର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ବିଦ୍ୟାଧର ପାଣିଗ୍ରାହୀ, ସୁଦର୍ଶନ ମହାପାତ୍ର, ଲମ୍ବୋଧର ମିଶ୍ର, ସୀତାନାଥ ତ୍ରିପାଠୀ, ମୁକ୍ତିକାନ୍ତ ଦାଶ, ଗଣପତି ସାହୁ, ରବୀନ୍ଦ୍ର ମିଶ୍ର, ଗଙ୍ଗାଧର ମିଶ୍ର, ଗଣେଶ ପଣ୍ଡା, ବଳଭଦ୍ର ସାହୁ, ଉଷାରାଣୀ ପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଗଣେଶ ଦାଶ, ଜଗଦୀଶ୍ ରାଉତ ଓ ସ୍ୱାଗତ ସାହୁ ପ୍ରମୁଖ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

### କଳସ ଶୋଭାଯାତ୍ରା, ନାମଯଜ୍ଞ



ରୂପସା, ୨୯।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ସଦର ବ୍ଲକ କସିପଦା ପଞ୍ଚାୟତ ଅଧୀନ ବରହମପୁର ଗ୍ରାମରେ ଥିବା ପ୍ରସିଦ୍ଧ ଗ୍ରାମଦେବତୀ ମା' ମଙ୍ଗଳା ଦେବୀଙ୍କ ମନ୍ଦିରରେ ମା' ବୁଢ଼ୀ ମଙ୍ଗଳା, ମା' ମଙ୍ଗଳା ଓ ମା' ସର୍ବ ମଙ୍ଗଳା ଦେବୀଙ୍କ ବିଗ୍ରହ ସ୍ଥାପନ ଓ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩ଦିନ ବ୍ୟାପୀ ଦେବୀଙ୍କ ପୀଠରେ ପୂଜାପାଠ ସହ କଳସ ଶୋଭାଯାତ୍ରା, ହରିନାମ ସଂକୀର୍ତ୍ତନ ଓ ଭଜନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ଆଙ୍କୋ ପଦ୍ମକିଶୋର ପୋଖରୀରୁ ଏକ ବିଶାଳ କଳସ ଶୋଭାଯାତ୍ରାରେ ହରି ନାମ ତାଳେ ତାଳେ ପାଣି ଆଣି ଦେବୀଙ୍କ ପୀଠରେ ପହଞ୍ଚିଥିଲେ। ସୋମବାର ବିଗ୍ରହ ସ୍ଥାପନ, ଯଜ୍ଞ ଓ ଚଣ୍ଡୀପାଠ ପୂର୍ବକ ଏକ ଆଧ୍ୟାତ୍ମିକ ପରିବେଶରେ ମନ୍ଦିର ପରିବେଶ ଭକ୍ତିମୟ ହୋଇଉଠିଥିଲା। ସମସ୍ତ ଗ୍ରାମବାସୀ, ମାତୃଶକ୍ତି ସେନା ଓ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ରହି ମା'ଙ୍କ ଆଶିଷ ଲଭିଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁ ପ୍ରସାଦସେବନରେ ଆପ୍ୟାୟିତ ହୋଇଥିଲେ।

# ଗଛରେ ଚଢ଼ି ପୁଣି ଡ୍ରାଇଭରଙ୍କ ଆତ୍ମହତ୍ୟା ଉଦ୍ୟମ

**ଘଣ୍ଟାଏ ପରେ ଉଦ୍ଧାର କଲା ଅଗ୍ନିଶମ ବିଭାଗ**

- ମାର୍ଚ୍ଚ ୨୨ରେ ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ
- କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ପୋଲିସ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁ ଭବନ ଛକ ନିକଟରେ ଥିବା ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ବାଲେଶ୍ୱର ଜିଲା ସୋର ଅଞ୍ଚଳର ଟୁଲୁ ପାତ୍ର(୪୩) ନାମକ ଡ୍ରାଇଭର ମାର୍ଚ୍ଚ ୨୨ତାରିଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୋମବାର ଅପରାହ୍ନରେ ପୁଣି ଟୁଲୁ ସେଭଳି ସମାନ ଘଟଣା ଘଟାଇଛନ୍ତି। ଅପରାହ୍ନ ପ୍ରାୟ ୩ଟା ବେଳେ ଭୁବନେଶ୍ୱର ଲୋୟର ପିଏମ୍‌ଜିସ୍ଥିତ ଏକ ଦେବଦାରୁ ଗଛରେ ଚଢ଼ି ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୋଲିସ ଉପସ୍ଥିତିରେ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରେ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଥିଲା। ତେବେ ସେ କ'ଣ ପାଇଁ ଏଭଳି ନିଷ୍ପତ୍ତି ନେଇଥିଲେ ତାହାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। କ୍ୟାପିଟାଲ ହସ୍ପିଟାଲରେ ଟୁଲୁଙ୍କ ଅଧିକ ଚିକିତ୍ସା ଚାଲିଛି।

ଅନ୍ୟପକ୍ଷରେ ଉଦ୍ଧାର ସମୟରେ ଟୁଲୁ ଗଣମାଧ୍ୟମକୁ କହିଥିଲେ, ସେ ସୋର ଶାଖା ଡ୍ରାଇଭର ମହାସଂଘର ସମ୍ପାଦକ ଅଛନ୍ତି। ଗଣମାଧ୍ୟମଗୁଡ଼ିକ ତାଙ୍କୁ ବଦନାମ କରିଦେଇଛନ୍ତି। ଗାଁରେ କେହି ତାଙ୍କୁ ଭଲ ପାଉନାହାନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଟୁଲୁଙ୍କ ମାନସିକ ସ୍ଥିତି ଠିକ ନ ଥିବା ସୂଚନା ମିଳିଛି। କ୍ୟାପିଟାଲ ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଟୁଲୁଙ୍କ ଚିକିତ୍ସା ପରେ ତାଙ୍କୁ ଅଧିକ ପଚରାଉଚରା କରାଯିବ। ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ଟୁଲୁ ହଠାତ୍ ଏକ ଗାମୁଛା ନେଇ ଗଛ ଉପରକୁ ଚଢ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ସେଠାରେ ରୁଣ୍ଡ ହୋଇଯାଇଥିଲେ। ଟୁଲୁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଦେଖି ସେମାନେ



ଟୁଲୁ ପାତ୍ର

ବାରଣ କରିବା ସହ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୫ ମାସ ତଳେ ଉକ୍ତ ହୋର୍ଡିଂ ଉପରେ ମଧ୍ୟ ସମାନ ଘଟଣା ଘଟିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୯ବର୍ଷ ତଳର ତାଙ୍କ ପ୍ରତିଶ୍ରୁତିକୁ ମନେ ପକାଇଦେବାକୁ ରାଉରକେଲାରୁ ଚାଲି ଚାଲି ଆସି ମୁକ୍ତିକାନ୍ତ ମଣ୍ଡଳ ଗତବର୍ଷ ଡିସେମ୍ବର ୨୧ରେ ଉକ୍ତ ହୋର୍ଡିଂ ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ଏବଂ ଅଗ୍ନିଶମ ବାହିନୀ ସହାୟତାରେ ତାଙ୍କୁ ବହୁ କଷ୍ଟରେ ଉଦ୍ଧାର କରାଯାଇଥିଲା।

# ଅମୃତ ସରୋବର ନିର୍ମାଣ କାର୍ଯ୍ୟ ଦେଖିଲେ ଜିଲାପାଳ



ଜିଲାପାଳଙ୍କ ପରିଦର୍ଶନ ବେଳେ ଉପସ୍ଥିତ ଅନ୍ୟ ଅଧିକାରୀ ଓ ସରପଞ୍ଚ।

ବନ୍ତ,୨୯।୫(ଡି.ଏନ୍.ଏ.)

ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୋମବାର ବନ୍ତ ବ୍ଲକ ଗସ୍ତରେ ଆସି ଟିଲୋ ପଞ୍ଚାୟତ ବଡ଼ସାହିସ୍ଥିତ ଚୌଧୁରୀ ପୋଖରୀରେ ନିର୍ମାଣ ହେଉଥିବା ଅମୃତ ସରୋବର କାର୍ଯ୍ୟ ବୁଲି ଦେଖିଛନ୍ତି। ଏହି ପୋଖରୀ କାର୍ଯ୍ୟ ଦେଖି ସେ ଉପସ୍ଥିତ ସରପଞ୍ଚ ଓ ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କିପରି ଭଲ ହେବ ସେନେଇ ଜିଲାପାଳ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ବେଳେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରିତିମୟ, ସହକାରୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ, କନିଷ୍ଠ ଯନ୍ତ୍ରୀ ସୁପ୍ରଭା ପ୍ରଧାନ, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ପିଇଓ ପ୍ରଫୁଲ୍ଲ ପଣ୍ଡା ଓ ଜିଆର୍‌ଏସ୍ ନିରାକର ଘଡ଼େଇ ଉପସ୍ଥିତ ଥିଲେ। ଉକ୍ତ ପୁଷ୍କରିଣୀକୁ ଅମୃତ ସରୋବର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପ୍ରାଥମିକ ପର୍ଯ୍ୟାୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମାଟି କାମ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ ବୋଲି ଜଣାଯାଇଛି।

# ସ୍ଥାୟୀ ଅଦାଲତ କାର୍ଯ୍ୟ ଉପରେ ଆଲୋଚନା




ସଚେତନତା ଶିବିରରେ ବିଚାରପତି ଓ ଅନ୍ୟମାନେ ।

**ଆଇନ ସଚେତନତା ଶିବିର**

ଖଇରା, ୨୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ମହାବିଦ୍ୟାଳୟ ପରିସରରେ ସୋମବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସୋର ତାଲୁକ ଆଇନ ପ୍ରାଧିକରଣ କମିଟି ଓ ବରିଷ୍ଠ ନାଗରିକ ମଞ୍ଚ ମିଳିତ ସହଯୋଗରେ ଆୟୋଜିତ ଶିବିରରେ ବରିଷ୍ଠ ଆଇନଜୀବୀ କାହ୍ନୁ ଚରଣ ବେହେରା ସଭାପତିତ୍ୱ କରିଥିଲେ। କମିଟି ସଭାପତି ଭାବେ ବରିଷ୍ଠ ଦେୱାନୀ ବିଚାରପତି ସିଲା ପ୍ରିୟଦର୍ଶିନୀ ପଣ୍ଡା ଯୋଗଦେଇ ସ୍ଥାୟୀ ଲୋକ ଅଦାଲତ ଓ ସ୍ଥାୟୀ ନିରନ୍ତର ଲୋକ ଅଦାଲତର କାର୍ଯ୍ୟ ଓ ଏହି ଅଦାଲତରେ ସାଧାରଣ ଲୋକଙ୍କୁ ମିଳୁଥିବା ସହାୟତା ଉପରେ ଆଲୋକପାତ କରିଥିଲେ । ବ୍ୟାଙ୍କିଂ, ବିଦ୍ୟୁତ, ରାସ୍ତା ଭଳି ବିବାଦଗୁଡିକରେ ପୀଡିତାମାନେ ଏହି ଅଦାଲତର ସହାୟତା ନେବାକୁ ପରାମର୍ଶ ନେବାକୁ କହିଥିଲେ। ଏଥିସହ ୧୦ଲକ୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ବ୍ୟବସ୍ଥା କଥା ଉଲ୍ଲେଖ କରିଥିଲେ । ସୋର ଜେଏମ୍‌ଏଫସି ବିଚାରପତି ସ୍ମୃତି ପଟ୍ଟନାୟକ ଯୋଗଦେଇ ଲୋକ ଉପଯୋଗୀ ସେବାଗୁଡିକ ପାଇଁ ଲୋକ ଅଦାଲତ ଦ୍ୱାରା ଉପଲବ୍ଧ ଆଇନ ଉପରେ ବୁଝାଇଥିଲେ। ବରିଷ୍ଠ ଆଇନଜୀବୀ ଧୀରେନ୍ଦ୍ର କୁମାର ଦାସ ତାଲୁକଠାରୁ ଆରମ୍ଭ କରି ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ଲୋକ ଅଦାଲତର କାର୍ଯ୍ୟ ଓ ଭୂମିକା ଉପରେ ସୂଚନା ଦେଇଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ଶତପଥି ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷ ଅରୁଣ କୁମାର ପାଢୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ କୋଷାଧ୍ୟକ୍ଷ ଅନାମ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଉପସ୍ଥିତ ବ୍ୟକ୍ତିବିଶେଷ ଆଇନ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଖଇରା ପୋଲିସକୁ ଚିଠି କରାଯାଇଥିଲେ ମଧ୍ୟ ଜଣେ ହେଲେ କେହି ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା।

## ନୂତନ ଏସ୍‌ପିଙ୍କ ବିଭିନ୍ନ ଥାନା ପରିଦର୍ଶନ

ପାଟଣା,୨୯।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ନୂତନ ଭାବେ ଯୋଗଦେଇଥିବା ଜିଲା ଆରକ୍ଷୀ ଅଧିକ୍ଷକ କୁଶଲକର ନିତିନଦାଗଡୁ ସୋମବାର ଜିଲାର ବିଭିନ୍ନ ଥାନା ପରିଦର୍ଶନ କରିଛନ୍ତି। ବିଭିନ୍ନ ଥାନା ଅଧିକାରୀଙ୍କ ସହ ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ସୋମବାର ସାହାରପଡ଼ା ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରେ ପ୍ରଥମେ ପାଟଣା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ, ପରେ ଢୁରୁମୁଙ୍ଗା ଥାନା ଅଧିକାରୀ ମଦନ ମୋହନ ନାଏକ, ବାରିଆ ଥାନା ଅଧିକାରୀ ବନ୍ଦନା ପାତ୍ର ଓ ଚମ୍ପୁଆ ଥାନାଧିକାରୀ ଗଗନ ନାଏକଙ୍କ ଉପସ୍ଥିତିରେ ଥାନା ପରିଦର୍ଶନ କରିଛନ୍ତି।

# ବିଚାର କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ

**ପଞ୍ଚାୟତ ରିଜୋଲୁଶନ ବହିରେ ଅନିୟମିତତା ପ୍ରସଙ୍ଗ**

ହାଟଡ଼ିହୀ,୨୯।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସଡ଼ା ପଞ୍ଚାୟତ ରିଜୋଲୁଶସ ବହିରେ ଅନିୟମିତତା ହୋଇଥିବା ନେଇ ୫ ଏପ୍ରିଲ ୨୦୨୩ରେ ଅଭିଯୋଗ ହୋଇଥିଲା। ହାଟଡ଼ିହୀ ବିଡିଓ, ଆନନ୍ଦପୁର ଉପଜିଲାପାଳ, କେନ୍ଦୁଝର ଜିଲାପାଳଙ୍କୁ ୮ ଜଣ ୱାର୍ଡ ମେମ୍ବର ଅଭିଯୋଗ କରିଥିଲେ। ମାମଲା ହାଇକୋର୍ଟରେ ପହଞ୍ଚିଥିବା ବେଳେ ଏହାର ବିଚାର କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ହୋଇଛି।

ଅଭିଯୋଗ ଅନୁସାରେ, ରିଜୋଲୁଶନ ବହିରେ ୨୫ ନମ୍ବରରୁ ୪୦ ନମ୍ବର ପର୍ଯ୍ୟନ୍ତ ପୃଷ୍ଠା ଫାଙ୍କା ରହିଥିବା ଏବଂ ୪୨ ନମ୍ବର ପୃଷ୍ଠାରେ ଏକ ରିଜୋଲୁଶନ ଲେଖା ଥିଲା। ବୈଠକ ନ କରାଇ ପିଅନ ଦ୍ୱାରା ଗାଁ ଗାଁ ବୁଲେଇ ରିଜୋଲୁଶନ ବହିରେ ଦସ୍ତଖତ କରାଯାଉଛି। ଏହାକୁ ବିରୋଧ କରି ଲିଖିତ ଅଭିଯୋଗ ହୋଇଥିଲା। କୌଣସି ପଦକ୍ଷେପ ନିଆ ନ ଯିବାରୁ ମାମଲା ଓଡ଼ିଶା ହାଇକୋର୍ଟରେ ପହଞ୍ଚିଛି। ୱାର୍ଡ ମେମ୍ବର ଉମାକାନ୍ତ ଜେନା ଦ୍ୱାରା ମାମଲା ଦାୟର ହୋଇଛି । କେସ ନଂ. ଡବ୍ଲ୍ୟୁପି (ସି) ୧୬୬୪୩/୨୦୨୩ ଅଟେ। ଉକ୍ତ ମାମଲାରେ ହାଟଡ଼ିହୀ ବିଡିଓ, ଆନନ୍ଦପୁର ଉପଜିଲାପାଳ, କେନ୍ଦୁଝର ଜିଲାପାଳଙ୍କୁ ପକ୍ଷ ଭୁକ୍ତ କରାଯାଇଛି। ହାଇକୋର୍ଟ ଉକ୍ତ ମାମଲାର ବିଚାର କରି ନିର୍ଦ୍ଦେଶ ପାଇବାର ଚାରି ସପ୍ତାହ ମଧ୍ୟରେ ଅଭିଯୋଗ ବିଚାର କରିବାକୁ ହାଟଡିହୀ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଘୋଷିତ ବିଦ୍ୟୁତ କାଟ୍ ଯୋଗୁ କର୍ମଚାରୀଙ୍କୁ ଆକ୍ରମଣ

ନୀଳଗିରି, ୨୯।୫(ସ୍ୱ.ପ୍ର.)

ଅଘୋଷିତ ବିଦ୍ୟୁତକାଟ୍‌କୁ ନେଇ ନୀଳଗିରି ଟାଟା ପାୱାର ନୀଳଗିରି ସେକ୍ସନ ଜେଇ ପାର୍ଥସାରଥୀ ବାରିକ(୪୦)ଙ୍କୁ ମାଡ଼ ମରାଯାଇଛି। ଏକ ବିବାହ ଭୋଜି ଖାଇ ଘରକୁ ଫେରିବା ବେଳେ ତାଙ୍କୁ ୮ରୁ ୧୦ ଜଣ ଲୋକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ରବିବାର ରାତି ୧୦ଟା ବେଳେ ନୀଳଗିରି ବିଦ୍ୟୁତ ବିଭାଗ ଜେଇ ପାର୍ଥସାରଥୀ ବାରିକ ଏକ ବିବାହ ଭୋଜି ଖାଇ ଫେରିବା ବେଳେ ବରିସାହି ନିକଟ ମନସା ମନ୍ଦିରଠାରେ କିଛି ଲୋକେ ତାଙ୍କୁ ଅଟକାଇଥିଲେ। ବିଜୁଳିକାଟ ନେଇ ଯୁକ୍ତି କରିବା ସହ ଆକ୍ରମଣ କରି ନିର୍ଘୁମ ମାଡ଼ ମାରିଥିଲେ। ଏନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ନୀଳଗିରି ଥାନା ପକ୍ଷରୁ ଏକ ମାମଲା (ନଂ. ୧୮୦/୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବରିସାହି ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ରାଇରଙ୍ଗପୁର ରଥଯାତ୍ରା ପାଇଁ ପ୍ରସ୍ତୁତି

ରାଇରଙ୍ଗପୁର,୨୯।୫(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ଜଗନ୍ନାଥ ମନ୍ଦିରର ଶ୍ରୀଜୀଉଙ୍କ ଆଗାମୀ ରଥଯାତ୍ରା ସକାଶେ ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର କମିଟିର ଅଧ୍ୟକ୍ଷ ତଥା ଉପ ଜିଲାପାଳ ସରୋଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଇରଙ୍ଗପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପରିକ୍ଷିତ ଦାସ, ସ୍ୱାସ୍ଥ୍ୟ ବିଭାଗ ଏସ୍‌ଡିଏମଓ ଡା.ପ୍ରମୋଦ କୁମାର ସାହୁ ଏବଂ ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଭକ୍ତଙ୍କ ଆଗମନ ନେଇ ସ୍ଥାନୀୟ ସହରାଞ୍ଚଳ ସମେତ ବଡ଼ଦାଣ୍ଡ, ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମରାମତି,ବିଦ୍ୟୁତ୍ ଆଲୋକ ଯୋଗାଣ, ସ୍ୱାସ୍ଥ୍ୟ, ପରିମଳ, ଜଳଯୋଗାଣ ଉପରେ ଆଲୋଚନା କରାଯାଇଥିଲା। ଏଥି ସହ ଗୁଣ୍ଡିଚାଯାତ୍ରା ଯାତ୍ରା ବେଳେ ଶ୍ରୀଜଗନ୍ନାଥମନ୍ଦିର ଏବଂ ଗୁଣ୍ଡିଚାମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ପାର୍ଶ୍ୱ ଅଞ୍ଚଳରେ ହୋଟେଲ ଏବଂ ବିଭିନ୍ନ ଉଠା ଦୋକାନରେ ଆମିଷ ବିକ୍ରି ଉପରେ କଟକଣା ଜାରି କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟ ଅଧିକାରୀ, ଥାନା ଅଧିକାରୀ, ଟାଟାପାୱାର ଅଧିକାରୀ, ପୂର୍ତ୍ତବିଭାଗ ଅଧିକାରୀ ଜଳଯୋଗାଣ, ଅବକାରୀ ବିଭାଗ ସମେତ ବିଭିନ୍ନ କାର୍ଯ୍ୟାଳୟର ପଦାଧିକାରୀ ଓ ଜଗନ୍ନାଥ ମନ୍ଦିରର ସଦସ୍ୟ,ପୂଜକ ଏବଂ ସେବାୟତ ଗଣ ଉପସ୍ଥିତ ଥିଲେ।

## ଅଙ୍ଗନୱାଡି କେନ୍ଦ୍ରରେ ଉପକରଣ ବାଣ୍ଟିଲେ ବିଧାୟକ

ବାସୁଦେବପୁର, ୨୯।୫(ଡି.ଏନ.ଏ.)

ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ଯୋଗାଇ ଦେଇଥିବା ଉପକରଣ ବଣ୍ଟନ ଉତ୍ସବ ସୋମବାର ବାସୁଦେବପୁର ପୌରପାଳିକାର ୯ନଂ. ୱାର୍ଡ ବାରିକବସ୍ତି କେନ୍ଦ୍ରରୁ ଆରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଅଙ୍ଗନୱାଡି କେନ୍ଦ୍ର ଉପକରଣ ବଣ୍ଟନ କରିଛନ୍ତି। ଚେୟାର ଟେବୁଲ ସହ ଅନ୍ୟାନ୍ୟ ଉପକରଣ ବିଧାୟକ ବଣ୍ଟନ କରି ଏହାଦ୍ୱାରା ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ ହେବା ସହ ପାଠ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢ଼ିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧକ୍ଷା ନିବେଦିତା ବେହେରା, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ସିଡିପିଓ ସନ୍ଧ୍ୟାରାଣୀ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ନମ୍ବର ୱାର୍ଡ ରାସ୍ତାରେ ପାଣିର ସୁଅ



**ଆନନ୍ଦପୁର ପୌରପରିଷଦ**

କୋଡ଼ପଡ଼ା,୨୯।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ୭ନଂ. ୱାର୍ଡ ବୈତରଣୀ ବିହାରର ରାସ୍ତା ଉପରେ ପାଣିର ସୁଅ ଛୁଟିଛି। ଅସରାଏ ବର୍ଷାରେ ଆଣ୍ଠୁଏ ଉପରେ ପାଣି ଜମୁଥିବାରୁ ଲୋକେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, ଆନନ୍ଦପୁର ବ୍ଲକ୍ ଅନୁକୂଲ୍ୟରେ ଉନ୍ନତି ଯୋଜନାରେ ବସନ୍ତ ସାହୁ ଘରଠାରୁ ବୀରଭଦ୍ର ଜେନା ଘର ପର୍ଯ୍ୟନ୍ତ ୨୦୨୨ରେ ୨ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମିତ ହୋଇଥିଲା। ଡ୍ରେନେଜ୍ ବ୍ୟବସ୍ଥା ଉପରେ ଦୃଷ୍ଟି ଦିଆଯାଇ ନ ଥିବାରୁ ଏବେ ରାସ୍ତା ଉପରେ ପାଣି ଜମି ରହୁଛି। ସମସ୍ୟା ନେଇ ଅଞ୍ଚଳର ସଚେତନ ନାଗରିକ ଆନନ୍ଦପୁର ବିଡିଓଙ୍କୁ ବହୁବାର ଅଭିଯୋଗ କରିଛନ୍ତି। ମାତ୍ର ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହାର ସମାଧାନ କରିବା ପାଇଁ ୱାର୍ଡବାସିନ୍ଦା ଦାବି କରିଛନ୍ତି।

# କ୍ଷତିପୂରଣ ଦାବିରେ ଧାରଣା

**ଦୁର୍ଘଟଣାରେ ଗୁରୁତର ବିଦ୍ୟୁତ୍ ଠିକା କର୍ମଚାରୀଙ୍କ ମୃତ୍ୟୁ**

ଭଦ୍ରକ ଅଫିସ, ୨୯।୫

ଟିପିଏନ୍‌ଡିଓଏଲ୍ ଅଧୀନ ଏଚ୍‌ଏସ୍ ପାୱାର ଠିକାରେ ସୁପରଭାଇଜର ଭାବେ କାର୍ଯ୍ୟରତ ଭଦ୍ରକ ବ୍ଲକ ବନ୍ଧଗାଁ ପଞ୍ଚାୟତ କାଳିଦାସପୁର ଗ୍ରାମର ପ୍ରଶାନ୍ତ ନାୟକଙ୍କର ଶନିବାର ଦୁର୍ଘଟଣା ହୋଇଥିଲା। ସେ ବାଣିଡିଆ ଗ୍ରାମରେ ଜଣେ ଉପଭୋକ୍ତାଙ୍କ ଘରେ ମିଟର ବସାଇ ଫେରୁଥିବା ବେଳେ ଏକ ଗଛରେ ପିଚିହୋଇ ଯାଇଥିଲେ। ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ପରିବାରର ଆର୍ଥିକ ସ୍ଥିତି ଦୋହଲି ଯାଇଛି। ସୋମବାର ତାଙ୍କ ମୃତଦେହ ଭଦ୍ରକରେ ପହଞ୍ଚିବା ପରେ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ବାଇପାସ୍‌ସ୍ଥିତ ପାୱାର ହାଉସ୍ କାର୍ଯ୍ୟାଳୟ ଆଗରେ ରଖି କ୍ଷତିପୂରଣ ଦାବିରେ ଧାରଣା ଦିଆଯାଇଥିଲା। ଏଚ୍‌ଏସ୍ ପାୱାର ମ୍ୟାନେଜର ମାନସ ରଞ୍ଜନ ପରିଡ଼ା ମୃତ ପ୍ରଶାନ୍ତଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ପରିବାରର ଜଣଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଜିତେନ୍ଦ୍ର ଜେନା, ପ୍ରଭାକର ପ୍ରଧାନ, ବସନ୍ତ ମହାନ୍ତି, କୁମାରେଶ ସାମଲ, ଜିତେନ ମହାନ୍ତି ପ୍ରମୁଖ ଧାରଣା ଦେଇଥିଲେ।



କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

## ଖଇରା ମଣ୍ଡଳରେ ଭାଜପାର କାର୍ଯ୍ୟକାରିଣୀ

ଖଇରା, ୨୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ୪ନଂ. ଜୋନ ଭାଜପାର ଏକ କାର୍ଯ୍ୟକାରିଣୀ ବୈଠକ ଖଇରା ଭାଜପା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ରାଜେଶ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ମଣ୍ଡଳର ଜନସମ୍ପର୍କ ଅଭିଯାନର ପ୍ରଭାରୀ ନିରାକାର ପଣ୍ଡା, ମଣ୍ଡଳ ପ୍ରଭାରୀ ଡମ୍ବରୁଧର ମହାନ୍ତି, ମଣ୍ଡଳ ସାଧାରଣ ସମ୍ପାଦକ ନିଳାମ୍ବର ପଣ୍ଡା ପ୍ରମୁଖ ଯୋଗ ଦେଇ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ ।

# ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତିରେ ଅସଙ୍ଗତି ଅଭିଯୋଗ

**ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର**

କେନ୍ଦୁଝର,୨୯।୫(ସ୍ୱ.ପ୍ର)

ରାଜ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କର ପଦୋନ୍ନତି ପ୍ରକ୍ରିୟାରେ ଅସଙ୍ଗତି ହେଉଥିବା ଅଭିଯୋଗ ହୋଇଛି। ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରକୋଷ୍ଠରୁ ମୌଖିକ ନିର୍ଦ୍ଦେଶ କ୍ରମେ ନିଯୁକ୍ତି ପାଇଥିବା, ପରବର୍ତ୍ତି ସମୟରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଶିକ୍ଷକମାନଙ୍କୁ ଓଟିଇଟି-୨ କରି ନ ଥିବାରୁ ଗ୍ରାଜୁଏଟ ଶିକ୍ଷକ ହେବାକୁ ଥିବା ପଦୋନ୍ନତି ତାଲିକାରୁ ବାଦ ପାଇଁ ଚକ୍ରାନ୍ତ ଚାଲିଥିବା ଶିକ୍ଷକମାନେ କହିଛନ୍ତି। ଏ ନେଇ ସୋମବାର ଶିକ୍ଷକମାନେ ଏକଜୁଟ ହୋଇ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଯଦୁମଣି ମହଲାଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୧୯ ମସିହାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ଓ ପଦୋନ୍ନତି ନିୟମର ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, ୧୧ ଫେବୃୟାରୀ ୨୦୧୧ ପୂର୍ବ ବିଜ୍ଞପ୍ତି ଅନୁଯାୟୀ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ କ୍ଷେତ୍ରରେ ଓଟିଇଟି ନିୟମ ଲାଗୁହେବନାହିଁ। ତେବେ ଏହାକୁ ଉଲ୍ଲଂଘନ କରି କେନ୍ଦୁଝର ଜିଲାରେ ଚୂଡ଼ାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରା ନ ଯାଇ ଭିତିରିଆ ଭାବେ ତାଲିକା ପ୍ରସ୍ତୁତ କରି ଲେଭଲ-୩ ପାଇଁ ଯୋଗ୍ୟ ଲେଭଲ-୪ ଶିକ୍ଷକମାନଙ୍କୁ ବାଦ ଦେଇ ମଞ୍ଜୁରୀ ପାଇଁ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ଏହା ୨୦୧୯ ବିଜ୍ଞପ୍ତିରେ ଓଟିଇଟି-୧ ଏବଂ ସ୍ନାତକ ସିଟି କରିଥିବା ଶିକ୍ଷକମାନେ ଗ୍ରାଜୁଏଟ ଶିକ୍ଷକ ପଦୋନ୍ନତି ପାଇବା ପାଇଁ ଓଟିଇଟି-୨ ପାଇବା ଆବଶ୍ୟକ ରହିଥିଲା। ତେବେ ୨୦୧୧ ପରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ପାଇଁ ଏହା ଉଲ୍ଲେଖ ହୋଇଛି। ମାତ୍ର ଜିଲାରେ ଏହାକୁ ଓଟିଇଟି-୧ ଯେଉଁ ଶିକ୍ଷକ ନିମନ୍ତେ ପ୍ରଯୁର୍ଯ୍ୟ ନୁହେଁ ସେମାନେ ପୂର୍ବରୁ ନିଯୁକ୍ତି ପାଇଥିଲେ ମଧ୍ୟ ସେମାନଙ୍କ ଉପରେ ଓଟିଇଟି-୨ ନିୟମ ଲାଗୁ କରାଯାଇଛି। ଯାହା୨୦୧୯ କ୍ୟାଡ୍‌ର ନିୟମକୁ ଉଲଂଘନ କରୁଛି ବୋଲି ଅଭିଯୋଗ ହୋଇଛି। ଏହି ସମ୍ପର୍କରେ ଶିକ୍ଷକମାନେ ଲିଖିତ ଦାବିପତ୍ର କପି ଜିଲା ଶିକ୍ଷା ଅଧିକାରୀ, ଜିଲାପାଳ, ଶିକ୍ଷାନିର୍ଦ୍ଦେଶକ, ଶିକ୍ଷା ସଚିବଙ୍କୁ ପ୍ରଦାନ କରିଥିଲେ।

## ଟ୍ରେନ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବେତନଟୀ,(ଡି.ଏନ.ଏ.)- ବେତନଟୀ ଷ୍ଟେଶନ ନିକଟ ଗରୁଡବସା ରେଲଫାଟକଠାରେ ସୋମବାର ଅପରାହ୍ନରେ ବାଙ୍ଗିରିପୋଷି-ରୂପସା ଡି.ଏମ୍.ୟୁ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବେତନଟୀ ଇନ୍ଦିରାନଗର ଅଞ୍ଚଳର ଲେଙ୍କୁଡୁ ମହାନ୍ତ(୬୨)। ପୋଲିସ ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### ୬୨ ଅଭିଯୋଗର ଶୁଣାଣି

ବନ୍ତ, ୨୯।୫ (ଡି.ଏନ.ଏ.)- ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶିବିରରେ ଉପସ୍ଥିତ ରହି ବିଭିନ୍ନ ପଞ୍ଚାୟତରୁ ଆସିଥିବା ୬୨ ଅଭିଯୋଗର ଶୁଣାଣି କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ରାଶନକାର୍ଡ, କାଳିଆ ଯୋଜନା, ଖୀଷ୍ଟିଆନମାନଙ୍କ ସମାଧିସ୍ଥଳୀ, ବାସଗୃହ ଉଚ୍ଛେଦ, ଶିଆଳିଆ ବିଦ୍ୟାଳୟ କାର୍ଯ୍ୟ ନିମ୍ନମାନର, ଚାରିଗାଁ ପଞ୍ଚାୟତରେ ଆରଡି ରାସ୍ତାକୁ ଅବରୋଧମୁକ୍ତ କରିବା, ରାମଚନ୍ଦ୍ରପୁର ପଞ୍ଚାୟତରେ ବିଦ୍ୟାଳୟ ମିଶ୍ରଣ ଆଦି ସମ୍ପର୍କିତ ବିଭିନ୍ନ ଅଭିଯୋଗ ଆସିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଉପଜିଲାପାଳ ମନୋଜ ପାତ୍ର, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରିତିମୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ, ବିଡିଓ ପ୍ରଦୀପ କୁମାର ସେଠୀ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ସମେତ ଜିଲା ଓ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ଶିବିରରେ ଯୋଗ ଦେଇଥିଲେ।

### ୮୩ ୟୁନିଟ୍ ସଂଗୃହୀତ

ଧାମନଗର,୨୯।୫(ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ବ୍ଲକର ରାଧାବଲ୍ଲଭପୁର ପଞ୍ଚାୟତ ମିଶନ ଶକ୍ତି ଗୃହ ପରିସରରେ ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଓଡ଼ିଶା ମୋ-ପରିବାର ଓ ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଏନ୍ଏସି ଅଧକ୍ଷା ନିବେଦିତା ଜେନା, ଜିଲା ଦିଶା କମିଟି ସଭ୍ୟ ହରେକୃଷ୍ଣ ପାଢ଼ୀ, ସମିତିସଭ୍ୟ ବିଦ୍ୟାଧର ରାଉତ, ବ୍ଲକ ବିଜେଡି ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ନଗର ସଭାପତି ସୁଶାନ୍ତ କୁମାର ରାଉତ, ବ୍ଲକ ଯୁବ ବିଜେଡି ସଭାପତି ଭାରତ ବିଜୟ ଦଳାଇ, ସାମାଜିକ କର୍ମୀ ମାୟାଧର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ହାଇୱା ପଛରେ ପିଟିଲା ଟ୍ରେଲର: ଚାଳକ ଗୁରୁତର

ବାଙ୍ଗିରିପୋଷି,୨୯।୫(ଡି.ଏନ.ଏ.)- ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଭାଲୁପାହାଡି ଛକ ନିକଟରେ ରବିବାର ରାତିରେ ବାଲି ବୋଝେଇ ହାଇୱା ପଛପଟୁ ଏକ ଟ୍ରେଲର ଧକ୍କା ଦେବାରୁ ଟ୍ରେଲର ଚାଳକ ଗୁରୁତର ହୋଇଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ପିଆରଏମ୍ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଛି।

# ‘ଦୁଇ ରାଜ୍ୟ ମଧ୍ୟରେ ଭାଇଚାରା ଅତୁଟ’

## ସୀମାନ୍ତରେ ସରିଲା ମୈତ୍ରୀ ଉତ୍ସବ

ଭୋଗରାଇ, ୨୯।୫(ଡି. ଏନ. ଏ.)



ମୈତ୍ରୀ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ମାନକୁଣ୍ଡା ହାଟ ଖେଳ ପଡିଆ ଠାରେ ଓଡିଶା -ପଶ୍ଚିମବଙ୍ଗ ମୈତ୍ରୀ ଉତ୍ସବ କମିଟି ପକ୍ଷରୁ ୮ଦିନ ଧରି ଚାଲିଥିବା ଉଭୟ ରାଜ୍ୟର ମୈତ୍ରୀ ଉତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ମୈତ୍ରୀ ଉତ୍ସବ କମିଟିର ସଦସ୍ୟ ହରେନ୍ଦ୍ର କୁମାର ଦାସଙ୍କ ପୌରୋହିତ୍ୟରେ ପରିଚାଳିତ ମଞ୍ଚ ଆହ୍ୱାନ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ କମିଟି ସଦସ୍ୟ ପ୍ରଦୀପ କୁମାର ସେଠୀ ଓ ସୁଶୀଲ କୁମାର ପାତ୍ର। ମୁଖ୍ୟଅତିଥି ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ଦେବା ସହିତ ବାଲେଶ୍ୱର ଜିଲା ତାଳସାରୀ, ଉଦୟପୁର, ବିଚିତ୍ରପୁର, କୀର୍ତ୍ତନିଆ, ଚୌମୁଖ, ଡଗରା, ଚାନ୍ଦିପୁର, ରାଇବଣିଆ, ପଞ୍ଚୁଲିଙ୍ଗେଶ୍ୱର ଆଦି ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ଅଣ୍ଟା ଭିଡ଼ିଛନ୍ତି ବୋଲି ପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଓ ରକ୍ତଦାତା ସଂଘର ବ୍ଲକ ସଭାପତି ଅଧୀର ଗିରି ଗୋସ୍ୱାମୀ, ମୁଖ୍ୟବକ୍ତା ଭାବେ ଭରସା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ଯାଦବେଶ ମିଶ୍ର, ସମ୍ମାନିତ ଅତିଥି ଭାବେ ଉତ୍ସବ କମିଟି ସଭାପତି ତଥାଗତ ମିଶ୍ର, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗଦେଇ ଓଡିଶା-ପଶ୍ଚିମବଙ୍ଗ ସୀମାନ୍ତରେ କେତେକ କ୍ଷେତ୍ରରେ ଛୋଟ ସମସ୍ୟା ଥିଲେ ମଧ ତାହା ଆପୋଷ ଆଲୋଚନା ଓ ଭାଇଚାରା ମନୋବୃତ୍ତି ନେଇ ସମାଧାନ ହୋଇଛି। ଏପରିକି ଦୁଇ ରାଜ୍ୟର ସଂସ୍କୃତି, ବିବାହ, ବ୍ରତ, ସହ ବାଣିଜ୍ୟ ବ୍ୟବସାୟ ପରସ୍ପର ପରିପୂରକ ବୋଲି କହିବା ସହିତ ମା’ମାଉସୀ ଭଳି ସମ୍ପର୍କର ବନ୍ଧନ ଅତୁଟ ଥିଲା, ରହିଛି ଓ କାଳ କାଳକୁ ରହିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଧନ୍ୟବାଦ ଦେଇଥିଲେ କମିଟି ସମ୍ପାଦକ ତପନ କୁମାର ପାଢ଼ୀ। ୯ ଦିନ ବ୍ୟାପି ଏହି ଉତ୍ସବରେ ସୀମାନ୍ତବାସୀଙ୍କର ବିଭିନ୍ନ ପ୍ରକାର ସାମଗ୍ରୀର ବିପଣୀ, ବିଦ୍ୟୁତ ନାଗର ଦୋଳା, ଆଧୁନିକ ପରିବେଶରେ ପୁତୁଳା ମୂର୍ତ୍ତୀ ଦର୍ଶକଙ୍କୁ ଆନନ୍ଦ ଦେଇଥିଲା ବେଳେ ଭିନ୍ନ ପ୍ରକାରର ସୁସ୍ୱାଦୁ ରୁଚିକର ଖାଦ୍ୟ ଲୋକଙ୍କ ପସନ୍ଦ ହୋଇଥିଲା। ଆନ୍ତଃ ରାଜ୍ୟ ଭଲିବଲ ପ୍ରତିଯୋଗିତା, ଓଡିଶାର ଖ୍ୟାତନାମା କଣ୍ଠଶିଳ୍ପୀ, ନୃତ୍ୟଙ୍ଗନାମାନଙ୍କ ନୃତ୍ୟ ପରିବେଷଣ ସହ ସ୍ଥାନୀୟ ଗ୍ରାମର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା, ମ୍ୟାଜିକ ଶୋ ଓ ରକ୍ତଦାନ ଶିବିର, ଉତ୍ସବ ପରିସର ବିଦ୍ୟୁତ ରଙ୍ଗୀନ ମାଳାରେ ଉଦ୍ଭାସିତ ହୋଇ ମୈତ୍ରୀ ଉତ୍ସବ ମୁଖରିତ ହୋଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ଚନ୍ଦନ


@ଅଜୟ


@ପପୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଘଟଣା ଚପାଇଦେବାକୁ ଉଦ୍ୟମ

## ବିନା ଅନୁମତିରେ ପରିବାର ନିୟୋଜନ ଅସ୍ତ୍ରୋପଚାର ମାମଲା

### କଂଗ୍ରେସର ସିଡିଏମଓ କାର୍ଯ୍ୟାଳୟ ଘେରାଉ ଚେତାବନୀ

କେନ୍ଦୁଝର,୨୯।୫(ସ୍ୱ.ପ୍ର.)



ସିଡିଏମଓଙ୍କୁ ଭେଟିବାକୁ ଆସିଥିବା କଂଗ୍ରେସ କର୍ମକର୍ତ୍ତା।

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ବିନା ଅନୁମତିରେ ପରିବାର ନିୟୋଜନ ଅସ୍ତ୍ରୋପଚାର ମାମଲା ଚପାଇଦେବାକୁ ଉଦ୍ୟମ ହେଉଛି। ଉକ୍ତ ଘଟଣା ଓ ଅନ୍ୟାନ୍ୟ ସମସ୍ୟା ନେଇ ସୋମବାର କଂଗ୍ରେସର ଏକ ପ୍ରତିନିଧି ଦଳ୍ ଡାକ୍ତରଖାନାକୁ ଯାଇ ରୋଗୀ, ଡାକ୍ତର ତଥା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି। ଏଥିସହ ଡାକ୍ତରଖାନ ବୁଲି ବିଭିନ୍ନ ସମସ୍ୟାକୁ ଦେଖିଥିଲେ।

ସୂଚନା ଅନୁଯାୟୀ, ନିକଟରେ ଡାକ୍ତରଖାନାର ମାତୃ ମଙ୍ଗଳ ପ୍ରସୂତି ବିଭାଗରେ ଜଣେ ମହିଳାଙ୍କ ପ୍ରସବ ପରେ ଡାକ୍ତର ଅନୁମତି ନ ନେଇ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରି ଦେଇଥିଲେ। ଏ ନେଇ ମହିଳାଙ୍କ ସ୍ୱାମୀ କେନ୍ଦୁଝର ଟାଉନ ଥାନାରେ ଏତଲା ଦେଇଥିଲେ। ଉକ୍ତ ଘଟଣାକୁ ଚପାଇଦେବାକୁ ସମ୍ପୃକ୍ତ ମହିଳା ପବିତ୍ରାଣୀ ଓ ତାଙ୍କ ସ୍ୱାମୀ ସୁଶାନ୍ତ ବାରିକଙ୍କ ଉପରେ ବିଭିନ୍ନ ଆଡୁ ଚାପପଡୁଛି ବୋଲି ଅଭିଯୋଗ ପରେ କଂଗ୍ରେସ ନେତାମାନେ ଏହାର ଜବାବ ମାଗିଥିଲେ। ଏଭଳି ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ଏଯାବତ୍ ଡାକ୍ତରଖାନା ଓ ପୋଲିସ ପ୍ରଶାସନ ଅଭିଯୋଗକାରୀ ସ୍ୱାମୀଙ୍କୁ ଡାକି ନ ଥିବାରୁ ସେମାନେ ସନ୍ଦେହ ବ୍ୟକ୍ତ କରିଛନ୍ତି। କଂଗ୍ରେସ ତରଫରୁ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଐତିହ୍ୟ ଦିବ୍ୟ ସିଂହଙ୍କ ନେତୃତ୍ୱରେ ଦଳ ତଦନ୍ତ ସମ୍ପର୍କରେ ବୁଝିବାକୁ ସିଡିଏମଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କୁ ପାଇ ଡାକ୍ତର ବିବି ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ତଦନ୍ତରେ ଆଶା କର୍ମୀ ଓ ଉପସ୍ଥିତ ଲୋକଙ୍କୁ ସାମିଲ କରାଯାଇ ନ ଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ଯଦି ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲା କଂଗ୍ରେସ ସିଡିଏମଓ ଅଫିସ ଘେରାଉ କରିବ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଥିଲେ। ପରେ ଦଳ ୱାର୍ଡ ବୁଲି ରୋଗୀଙ୍କ ସହ ଆଲୋଚନା କରିଥିଲେ। ରୋଗୀ ପଞ୍ଜୀକରଣ କାଉଣ୍ଟର କକ୍ଷରେ ପଙ୍ଖା ଅଚଳ ଥିବାରୁ ରାଜ୍ୟ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର ବିରକ୍ତି ପ୍ରକାଶ କରିଥିଲେ।

## ଯୁଟିଆର ଜୟହିନ୍ଦ୍ କାର୍ଯ୍ୟକ୍ରମ ପ୍ରସ୍ତୁତି

କେନ୍ଦୁଝର,୨୯।୫(ସ୍ୱ.ପ୍ର.)

କେନ୍ଦୁଝର ସଂସ୍କୃତି ଭବନଠାରେ ମିଳିତ ଶିକ୍ଷକ କର୍ମଚାରୀ ସଂଘ(ଯୁଟିଆ) ପକ୍ଷରୁ ଚଳିତ ମାସ ୩୧ ତାରିଖ ଦିନ ହେବାକୁ ଥିବା ଜୟହିନ୍ଦ କାର୍ଯ୍ୟକ୍ରମ ପାଇଁ କୋର ମିଟିର ଏକ ପ୍ରସ୍ତୁତି ବୈଠକ ଦୁର୍ଗାମନ୍ଦିର ସଭା ଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଯୁଟିଆର ଜିଲା ସଭାପତି ରବିନ୍ଦ୍ର ନାଥ ନନ୍ଦଙ୍କ ସଭାପତିତ୍ୱରେ ଯୁଟିଆ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ ସରକାରୀ ସେବା ନିବୃତ୍ତ ଦିବସ ୩୧ ମେ ୨୦୨୩ କୁ ଶହୀଦ୍ ଯବାନ ଓ ବିଭିନ୍ନ ସେବା ସମୟରେ ସଂଘର୍ଷରେ ମୃତ ବ୍ୟକ୍ତିଙ୍କ ସ୍ମୃତିରେ ଓ ଅବସରପ୍ରାପ୍ତ ଯବାନ ଓ ଶିକ୍ଷକଙ୍କ ନିମନ୍ତେ ସମର୍ପଣ କରାଯିବାକୁ ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧିକ୍ଷକ, ଶିକ୍ଷା ଅଧିକାରୀ, ସହ ଜିଲା ଶିକ୍ଷା ଅଧିକାରୀ, ସୂଚନା ଓ ଲୋକସମ୍ପର୍କର ବିଭାଗର ଉପ ନିର୍ଦ୍ଦେଶକ, ଜିଲା ପର୍ଯ୍ୟଟନ ଅଧିକାରୀ, କେନ୍ଦୁଝରଗଡ଼ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, କେନ୍ଦୁଝର ବନଖଣ୍ଡର ଏସିଏଫ୍ ଏବଂ ପଦ୍ମଶ୍ରୀ ମାଗୁଣୀ ଚରଣ କୁଅଁରଙ୍କୁ ଅତିଥି କରାଯିବ ବୋଲି ସ୍ଥିରିକୃତ ହୋଇଛି। ବୈଠକର ବାବୁଲାଲ ପଲେଇ, ବିଜୟ ପଲେଇ, ଲକ୍ଷ୍ମୀଧର ବେହେରା, ରମେଶ ଚନ୍ଦ୍ର ହୋତା, ହରିଶ୍ଚନ୍ଦ୍ର ପଢ଼ିଆରୀ, ତ୍ରିଲୋଚନ ମହାନ୍ତ, ବସନ୍ତ ସାହୁ, ହରିପ୍ରସାଦ ମିଶ୍ର, ନରୋତ୍ତମ ବାରିକ, ମହେନ୍ଦ୍ର ମହାନ୍ତ, ଶରତଚନ୍ଦ୍ର ମାଝୀ, ଟିକାୟତଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଯିବା ପାଇଁ ମତାମତ ଉପସ୍ଥାପନା କରିଥିଲେ।

## ମିଳିତ ଜନ ଅଭିଯୋଗ ଶୁଣାଣି


ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟ ଅଧିକାରୀମାନେ।

ବାରିପଦା ଅଫିସ,୨୯।୫

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଫେସିଲିଟେସନ ସେଣ୍ଟରରେ ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଓ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଯୋଗଦେଇ ଶିବିରକୁ ଆସୁଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ସମାଧାନ ଦ୍ରୁତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୭୦ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ୬୦ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୦ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୨ଜଣଙ୍କୁ ପ୍ରତ୍ୟେକ ୧୦ ହଜାର ଟଙ୍କା ଲେଖାଏ ଓ ଅନ୍ୟ ୪ଜଣଙ୍କୁ ପ୍ରତ୍ୟେକ ୫ହଜାର ଟଙ୍କା ଲେଖାଏ ମୋଟ ୪୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଏବଂ ଅନ୍ୟ ଜଣେ ଆବେଦନକାରୀଙ୍କୁ ୧୦ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ଜିଲାପାଳ ମଞ୍ଜୁର କରିଥିଲେ। ଶିବିରରେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ରୂପଭାନୁ ମିଶ୍ର ଓ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୌଲତ ଚନ୍ଦ୍ରକାର ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅଧୀନ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ତଥା ପିଜି ସେଲର ନୋଡାଲ ଅଧିକାରୀ ସୁଜୟ କୁମାର ପତିଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

## ସ୍ତ୍ରୀ ଲୁଗାରେ ଫାଶୀ ଲଗାଇଲେ ସ୍ୱାମୀ

ପାଟଣା,୨୯।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଖୁଣ୍ଟାପଡ଼ା ପଞ୍ଚାୟତ ପିପିଳିଆ ଗ୍ରାମର ଜଣେ ଯୁବକ ନିଜ ସ୍ତ୍ରୀର ଲୁଗା ସାହାର୍ଯ୍ୟରେ ଆତ୍ମହତ୍ୟା କରିଛନ୍ତି। ଯୁବକ ଉକ୍ତ ଗ୍ରାମର ପରମେଶ୍ୱର ମହାନ୍ତ(୩୨)। ସୋମବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପାଟଣା ଥାନାରେ (ନଂ.୧୭/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପାଟଣା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣା ପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ତହସିଲଦାରଙ୍କୁ ଭେଟିଲେ ଉଚ୍ଛେଦ ଦୋକାନୀ

ବସ୍ତା, ୨୯।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ମେଡ଼ିକାଲ ନିକଟ ରାସ୍ତାର ପାର୍ଶ୍ୱରେ ଗୁମୁଟି ପକାଇ ଗୁଜୁରାଣ ମେଣ୍ଟାଇ ଆସୁଥିବା ପାଖାପାଖି ୩୦ରୁ ଊର୍ଦ୍ଧ୍ୱ ଦୋକାନୀ ଏବେ ବେସାହାରା ହୋଇପଡିଛନ୍ତି। ଦୋକାନୀ ସମୂହ ଏକାଠି ହୋଇ ସେମାନଙ୍କୁ ଥଇଥାନ କରିବାକୁ ତହସିଲଦାରଙ୍କୁ ନିବେଦନ କରିଛନ୍ତି।

୨୫ରୁ ୨୬ ବର୍ଷ ତଳେ ରେଳ ବିଭାଗର ତଥା ପ୍ରଶାସନ ଜବରଦଖଲ ଉଚ୍ଛେଦ ଯୋଗୁ ସଦାନନ୍ଦପୁର ପଞ୍ଚାୟତ ଅଫିସ ସମ୍ମୁଖରେ ଏବଂ ମେଡିକାଲ ରାସ୍ତାରେ ହଜାର ହଜାର ଟଙ୍କାର ଅସ୍ଥାୟୀ ଗୁମୁଟି କରି ସେଠାରେ ଏକ ବଜାର ପ୍ରତିଷ୍ଠା କରାଯାଇଥିଲା। ବହୁ ଯୁବକ ସେଠାରେ ଆତ୍ମନିର୍ଭରଶୀଳ ହୋଇପାରିଥିଲେ। ତେବେ ବସ୍ତା ମେଡ଼ିକାଲ ୫-ଟିରେ ରୂପାନ୍ତରିତ ହେବା ପରେ ମେଡିକାଲ ରାସ୍ତାକୁ ପ୍ରଶସ୍ତୀକରଣ କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଦୋକାନ କରିଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱଇଛାରେ ଉଠିଯିବାକୁ ତହସିଲ ପ୍ରଶାସନ ନୋଟିସ୍ ଦେଇଥିବା ବେଳେ ଦୋକାନୀ ସମୂହ ଏକାଠି ହୋଇ ସେମାନଙ୍କୁ ଥଇଥାନ କରିବାକୁ ତହସିଲଦାରଙ୍କୁ ନିବେଦନ କରିଛନ୍ତି। ଏଥିସହିତ ଏହାର ଏକକିତା ନକଲ ବାଲେଶ୍ୱର ଜିଲାପାଳଙ୍କୁ ପଠାଯାଇଛି।


ଦୋକାନୀ ସମୁହଙ୍କ ତହସିଲଦାରଙ୍କୁ ନିବେଦନ।

# କୁପନ ଦେଲେ, ଚାଉଳ ଦେଲେନି


ବ୍ଲକ କାର୍ଯ୍ୟାଳୟ ଆଗରେ ହିତାଧିକାରୀମାନେ ଧାରଣା ଦେଇଛନ୍ତି।

## ଧାରଣାରେ ବସିଲେ ହିତାଧିକାରୀ

ତିହିଡ଼ି,୨୯।୫ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାମନବିନ୍ଧା ପଞ୍ଚାୟତ ସନ୍ଦକପୁର ଗ୍ରାମରେ ରାଶନ ଚାଉଳ ବଣ୍ଟନରେ ବିଳମ୍ବ ନେଇ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ହିତାଧିକାରୀମାନେ ଧାରଣା ଦେଇଥିଲେ।

ସେମାନେ ଅଭିଯୋଗ କରିଛନ୍ତି ଯେ, ପଞ୍ଚାୟତରେ ଅନ୍ୟ ଗ୍ରାମର ହିତାଧିକାରୀମାନଙ୍କୁ ଚାଉଳ ବଣ୍ଟନ କରାଯାଇଥିବା ବେଳେ ଏହି ଗାଁରେ ୧୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏପ୍ରିଲ, ମେ ଓ ଜୁନ୍ ମାସର ଚାଉଳ ବଣ୍ଟନ ହୋଇନାହିଁ। ଚାଉଳ ପାଇ ନ ଥିବାରୁ ଗ୍ରାମରେ ବସବାସ କରୁଥିବା ଖଟିଖିଆ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଣ୍ଟନ ଦାୟିତ୍ୱରେ ଥିବା ଡିଲର କିଛିଦିନ ପୂର୍ବେ ହିତାଧିକାରୀମାନଙ୍କୁ ଡକାଇ ଟିପ ଚିହ୍ନ ନେବା ସହ ଆଖି ସ୍କାନ କରି କୁପନ ଧରାଇଥିଲେ। ହେଲେ ଚାଉଳ ନେବା ପାଇଁ ଆସି ବାରମ୍ବାର ନିରାଶ ହୋଇ ଫେରିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମର ଗୋଲାମ ବେହେରା, ଲକ୍ଷ୍ମୀଧର ସେଠୀ, ମେଘନାଦ ପରିଡ଼ା, ମହେନ୍ଦ୍ର ବେହେରା, ଜୟନ୍ତୀ ସେଠୀ, ନୀଳିମା ପାଣିଗ୍ରାହୀ, ଶଶି ସେଠୀ, କନକ ପରିଡ଼ା, ଦେବେନ୍ଦ୍ର ବାରିକ, ଇନ୍ଦ୍ରମଣୀ ସେଠୀ, ଗୁର ପରିଡ଼ା, ମଞ୍ଜୁ ସେଠୀ ପ୍ରମୁଖ ହିତାଧିକାରୀ ଧାରଣା ଦେଇଥିଲେ। ବିଡିଓ ଜ୍ୟୋତିର୍ମୟ କର ୩ଦିନ ମଧ୍ୟରେ ଚାଉଳ ବଣ୍ଟନ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ମୋରଡା,୨୯।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିତ୍ରଡାଠାରେ ଫୁଲଝରି ଗ୍ରାମର ନରହରି ମହାନ୍ତ ନାମକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅମୀର ଖାନ ଏବଂ ଭଞ୍ଜକିଶୋର ସାହୁ। ଏନେଇ ମୋରଡ଼ା ଥାନାରେ ମାମଲା(ନଂ.୨୦୧/୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଚିତ୍ରଡା ଅଞ୍ଚଳର ଅମୀର ଖାନ ଏକମାସ ପୂର୍ବରୁ ନରହରିଙ୍କ ଶ୍ୱଶୁରଙ୍କୁ ଜଣଙ୍କ ମାଧ୍ୟମରେ ରକ୍ତଦାନ କରିଥିଲେ। ଏନେଇ ସେ ବାରମ୍ବାର ଆଲୋଚନା ପାଇଁ ନରହରିଙ୍କୁ ଫୋନ କରି ଡାକୁଥିଲେ। ରବିବାର ଅମୀର ତାଙ୍କୁ ଚିତ୍ରଡ଼ାସ୍ଥିତ ଏକ ମଦ ଦୋକାନ ପାଖ ପଡ଼ିଆକୁ ଡାକିଥିଲେ। ନରହରି ସେଠାରେ ପହଞ୍ଚିବା ପରେ ଚିତ୍ରଡାର ପପୁ ସାହୁ, ଭୁଟୁ ମହାନ୍ତ, ଶିବା ମହାନ୍ତ ଏବଂ ଅନ୍ୟ ୭ ଜଣ ଯୁବକ ତାଙ୍କୁ ମଦ ପାଇଁ ୭୦୦ ଟଙ୍କା ମାଗିଥିଲେ। ନରହରି ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ନରହରି ଚେତାଶୂନ୍ୟ ହୋଇ ପଡ଼ିଯିବାରୁ ଆକ୍ରମଣକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଖବରପାଇ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ନରହରିଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ପଠାଇଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

